# କଟକ ବାଲିଯାତ୍ରା-୨୦୨୪

## ପଞ୍ଜୀକରଣ ଏବଂ ସ୍ଥାନ(ପ୍ଲଟ)ଆବଣ୍ଟନ ନିୟମାବଳୀ ସମ୍ପର୍କିତ ଘୋଷଣା

## ଜିଲ୍ଲା ସଂସ୍କୃତି ପରିଷଦ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ

ଐତିହାସିକ କଟକ ବାଲିଯାତ୍ରା ୨୦୨୪ , କଟକ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୁଲ୍ୟରେ ତା-୧୫ /୧୧/୨୦୨୪ ରିଖ ଠାରୁ ତା-୨୨/୧୧/୨୦୨୪ ରିଖ ପର୍ଯ୍ୟନ୍ତ ଗଡ଼ଗଡିଆ ଘାଟ ନିକଟବର୍ତ୍ତୀ ତଳ ଓ ଉପର ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହେବାକୁ ଯାଉଅଛି । ଭାରତ ବର୍ଷର ଅନ୍ୟତମ ମୁକ୍ତାକାଶ ପ୍ରସିଦ୍ଧ ବାଣିଜ୍ୟ ମେଳା ଏହି ବାଲିଯାତ୍ରା ସବୁବର୍ଗର ବ୍ୟବସାୟୀମାନଙ୍କ ପାଇଁ ବ୍ୟବସାୟର ଏକ ଅଭୁତପୂର୍ବ ସୁଯୋଗ ସୃଷ୍ଟି କରିଥାଏ । ଏହି କଟକ ବାଲିଯାତ୍ରା-୨୦୨୪ ରେ ଭାଗନେବା ପାଇଁ ଇଚ୍ଛୁକ ପୃଷ୍ଠପୋଷକ, ଉଦ୍ୟୋଗ, ବ୍ୟବସାୟୀକ ଅନୁଷ୍ଠାନ, ସଂଘ, ବ୍ୟବସାୟୀ ଏବଂ ଉଠାଦୋକାନୀମାନଙ୍କୁ ସ୍ଥାନ(ପ୍ଲଟ୍)ଆବଣ୍ଟନ କରାଯିବା ପାଇଁ ନିମ୍ନ ନିୟମାବଳୀ ପ୍ରସ୍ତୁତ କରାଯାଇଅଛି ।

**(i) ପୃଷ୍ଠପୋଷକ (Patrons) ମାନଙ୍କ ପାଇଁ କଟକ ବାଲିଯାତ୍ରା-୨୦୨୪ ନିମନ୍ତେ ସ୍ଥାନ (ପ୍ଲଟ) ଆବଣ୍ଟନ ପ୍ରଣାଳୀ :-**

**କ)** କଟକ ବାଲିଯାତ୍ରା-୨୦୨୪ ରେ ପୃଷ୍ଠପୋଷକମାନଙ୍କୁ ସ୍ଥାନ(ପ୍ଲଟ୍) ଆବଣ୍ଟନ ନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟା ତା ତା-୦୭ .୧୦ .୨୦୨୪ ରିଖଠାରୁ ତା-୧୫ .୧୦ .୨୦୨୪ ରିଖ ପର୍ଯ୍ୟନ୍ତ ବାରବାଟୀ ପ୍ୟାଲେସ (ବାରବାଟୀ ଷ୍ଟାଡିଅମ ସନ୍ନିକଟ), କଟକ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସକାଳ ୧୧:୦୦ ଘଟିକା ଠାରୁ ଅପରାହ୍ନ ୫:୦୦ ଘଟିକା ଯାଏ କରାଯିବ । ଉଭୟ ଉପର ଏବଂ ତଳ ବାଲିଯାତ୍ରା ପଡିଆର ନକ୍ସା ସେହିସଭାଗୃହରେ ଏବଂ ଜିଲ୍ଲାର ୱେବସାଇଟ cuttack.odisha.gov.inରେ ଉପଲବ୍ଧ ହେବ ।

**ଖ)** ପୃଷ୍ଠପୋଷକ ମାନଙ୍କର ପ୍ରକାରଭେଦ :-

| **କ୍ର. ସଂ** | **ପ୍ରକାର** | **ଆବଣ୍ଟିତ ସ୍ଥାନ** | |
|---|---|---|---|
| ୧ | ପ୍ରିମିୟମ ପୃଷ୍ଠ ପୋଷକ | ୫୦୦୦ ବର୍ଗଫୁଟ ରୁ ଉର୍ଦ୍ଧ୍ୱ-୧୦୦୦୦ ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନ ର ଗ୍ରହୀତା | **ବର୍ଗଫୁଟ ପ୍ରତି ଟ.୫୦୦ /-** |
| ୨ | ଗୋଲ୍ଡପୃଷ୍ଠପୋଷକ | ୧୦୦୦ ବର୍ଗଫୁଟ ରୁଉର୍ଦ୍ଧ୍ୱ- ୫୦୦୦ ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନ ର ଗ୍ରହୀତା | |
| ୩ | ସିଲଭର ପୃଷ୍ଠପୋଷକ | ୧୦୦୦ ବର୍ଗଫୁଟ ରୁ କମ୍ ସ୍ଥାନ ର ଗ୍ରହୀତା | |

**ଗ)** ପୃଷ୍ଠପୋଷକ ଶ୍ରେଣୀଭୁକ୍ତ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନମାନେ ନିମ୍ନୋକ୍ତ ସୁବିଧା ସୁଯୋଗ ପାଇପାରିବେ :-

**୧.** ପୃଷ୍ଠପୋଷକମାନଙ୍କ ପାଇଁ ସ୍ଥାନ ଆବଣ୍ଟନ ନିମନ୍ତେ ଦେୟ ଟଙ୍କା ୫୦୦/-(ପାଞ୍ଚଶହ)ମାତ୍ର ପ୍ରତି ବର୍ଗଫୁଟ ରଖାଯାଇ ଅଛି । ସେମାନଙ୍କ ଦରଖାସ୍ତ ଅନୁମୋଦିତ ହେବାପରେ ସେମାନେ ଆବେଦନ କରିଥିବା ସ୍ଥାନ ନିମନ୍ତେ ପ୍ରଯୁଜ୍ୟ ସମସ୍ତଦେୟ ସଙ୍ଗେ ସଙ୍ଗେ ଏକକାଳୀନ ଇ-ପେମେଣ୍ଟ **(e-payment)**ରେ ଦାଖଲକରିବେ । ଅନ୍ୟ କୌଣସି ମାଧମରେ ଦେୟ ଗ୍ରହଣ କରାଯିବ ନାହିଁ ।

**୨.** ସମସ୍ତ ଦେୟ ଦାଖଲ କରିସାରିବା ପରେ, ପୃଷ୍ଠପୋଷକମାନଙ୍କୁ ତୁରନ୍ତ ନିର୍ଦ୍ଧାରିତ ସ୍ଥାନ ଆବଣ୍ଟନ କରାଯାଇ ଦଖଲ ଦିଆଯିବ ।

**୩.** ପୃଷ୍ଠପୋଷକମାନଙ୍କୁ ସେମାନଙ୍କର ପସନ୍ଦ ମୁତାବକ ସ୍ଥାନ, ପ୍ରାରମ୍ଭିକ ଆଗମନ (First Come First Serve) ପ୍ରଣାଳୀରେ ତୁରନ୍ତ ଆବଣ୍ଟନ କରାଯିବ । ସେଥିପାଇଁ ସେମାନେ ତୁରନ୍ତ ନିଜର ସ୍ଥାନ ସଂରକ୍ଷଣ କରିବାକୁ ଅନୁରୋଧ କରାଯାଉଅଛି ।

**୪.** ପୃଷ୍ଠପୋଷକ ମାନଙ୍କର ବ୍ରାଣ୍ଡ / ଲୋଗୋ ବାଲିଯାତ୍ରା ପଡିଆରେ ଏବଂ ବାଲିଯାତ୍ରା କୁ ପ୍ରସାର କରୁଥିବା ବିଭିନ୍ନ ସାମାଜିକ ଗଣମାଧମ (social media) ଏବଂ ୱେବସାଇଟ (website)ରେ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପ୍ରଚାର ଓ ପ୍ରସାରନିମନ୍ତେ ସୁଯୋଗ ମିଳିବ ।

**୫.** ପୃଷ୍ଠପୋଷକମାନଙ୍କର ନାମକୁ ବାଲିଯାତ୍ରା ମଞ୍ଚରେ ଘୋଷଣା କରାଯିବ ।

**୬.** ପୃଷ୍ଠପୋଷକଭାବେ ବିବେଚିତ ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କୁ ବାଲିଯାତ୍ରା ର କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯିବ ଏବଂ ସମ୍ମାନିତ କରାଯିବ ।

## (ii) <u>ଅନ୍ୟାନ୍ୟ ବ୍ୟବସାୟୀ, ଅନୁଷ୍ଠାନ, ବ୍ୟକ୍ତିବିଶେଷ ମାନଙ୍କ ପାଇଁ</u> କଟକ <u>ବାଲିଯାତ୍ରା-୨୦୨୪ ନିମନ୍ତେ ସ୍ଥାନ(ପ୍ଲଟ) ଆବଣ୍ଟନ ପ୍ରଣାଳୀ :-</u>

**କ)** କଟକ ବାଲିଯାତ୍ରା-୨୦୨୪ ପାଇଁ ସ୍ଥାନ(ପ୍ଲଟ୍) ଆବଣ୍ଟନ ନିଲାମ (Auction) ମାଧ୍ୟମରେ କରାଯିବ । ଆବେଦନକାରୀ ୱେବସାଇଟ **cuttack.odisha.gov.in** କୁ ଯାଇ ନିଲାମର ସଂପୂର୍ଣ୍ଣ ବିବରଣୀ ପାଇପାରିବେ ।

**ଖ)** ଇଚ୍ଛୁକ ଆବେଦନକାରୀ ଟ.୧୦୦/- ଙ୍କା (ଏକ ଶତ ଟଙ୍କା) ମାତ୍ର ପ୍ରଦାନକରି ଆବେଦନ ପତ୍ର ନେଇ ପାରିବେ । ଅନଲାଇନ ମାଧ୍ୟମରେ ମଧ୍ୟ ନିଜ ନାମ ପଞ୍ଜୀକରଣ କରି ଟ.୧୦୦/-ଙ୍କା (ଏକ ଶତ ଟଙ୍କା) ମାତ୍ର ଦାଖଲ କରି ଆବେଦନ କରିପାରିବେ, ମାତ୍ର ପରବର୍ତ୍ତୀ ସମୟରେ ଏହି ଆବେଦନ ପତ୍ରକୁ ବାରବାଟୀ ପ୍ୟାଲେସ ଠାରେ ଦାଖଲ କରିବାକୁ ପଡିବ ।

**ଗ)** ଜଣେ ବ୍ୟକ୍ତି / ଅନୁଷ୍ଠାନ ସର୍ବାଧିକ ତିନି (୩) ଗୋଟି ସ୍ଥାନ (ପ୍ଲଟ୍) ଆବଣ୍ଟନ ନିମନ୍ତେ ଆବେଦନ କରିପାରିବେ । ଆବେଦନ କରାଯାଇଥିବା ପ୍ଲଟ୍ ଗୁଡିକର ସମୁଦାୟ ପରିମାଣ ୧୦୦୦ ବର୍ଗଫୁଟରୁ କମ ହୋଇଥିବା ବାଞ୍ଛନୀୟ । ଯଦି କୌଣସି ବ୍ୟକ୍ତି /ଅନୁଷ୍ଠାନ '୩' ଗୋଟି ସ୍ଥାନରୁ ଉର୍ଦ୍ଧ୍ୱ ପାଇଁ ଆବେଦନ କରନ୍ତି ସେଥିପାଇଁ ପଞ୍ଜିକରଣ ନିମିତ୍ତ ପ୍ରଦାନ କରିଥିବା '୩'ରୁ ଅଧିକ ଥିବା ପ୍ଲଟ ଗୁଡିକର ପଞ୍ଜିକରଣ ରଦ୍ଦ କରାଯିବ ଏବଂ ପଞ୍ଜିକରଣ ଅର୍ଥରାଶି ବ୍ୟାଜ୍ୟାପ୍ତି କରାଯିବ ।

**ଘ)** ଏଥିନିମନ୍ତେ ସେମାନେ ପ୍ରତିପ୍ଲଟ ପାଇଁ ପ୍ରାରମ୍ଭିକ ପଞ୍ଜୀକରଣ ରାଶି ବାବଦକୁ ଟଙ୍କା ୫୦୦୦/- ମାତ୍ର ଇ-ପେମେଣ୍ଟ **(e-payment)** ମାଧ୍ୟମରେ ଉପରୋକ୍ତ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବେ । ପଞ୍ଜୀକରଣପାଇଁ ପୂର୍ବରୁ ପଇଠହୋଇଥିବା ରାଶିଯୋଗ୍ୟ ବିବେଚିତହୋଇଥିବା ନିଲାମଧାରୀଙ୍କ ମୋଟ ଦେୟ ରାଶିରେ ଭରଣା (Adjust) କରାଯିବ ।

**ଙ)** ଆବେଦନକାରୀ ପଞ୍ଜୀକରଣନିମନ୍ତେ ଜମା ରାଶିର ଚାଲାଣ କପି ଆବେଦନ ପତ୍ର ସହିତ ବାରବାଟୀ ପ୍ୟାଲେସ, ବାରବାଟୀ ଷ୍ଟାଡିୟମ ସନ୍ନିକଟ, କଟକ ଠାରେ ତା-୧୫.୧୦.୨୦୨୪ ରିଖ ଠାରୁ ତା୨୫.୧୦.୨୦୨୪ ରିଖ ପର୍ଯ୍ୟନ୍ତ ସକାଳ ୧୧:୦୦ଘଟିକାରୁ ଅପରାହ୍ଣ ୫:୦୦ ଘଟିକା ମଧ୍ୟରେ ଦାଖଲ କରିବେ ଏବଂ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାର ପତ୍ର (Acknowledgement) ଗ୍ରହଣ କରିବେ ।

**ଚ)** ଯଦି କୌଣସି ନିର୍ଦ୍ଦିଷ୍ଟ ପ୍ଲଟ ପାଇଁ ଏକାଧିକ ବ୍ୟକ୍ତି ଆବେଦନ କରନ୍ତି ସେହି ପ୍ଲଟ ର ଆବଣ୍ଟନ ନିଲାମ ମାଧ୍ୟମରେ କରାଯିବ | ନିଲାମରେ ଯୋଗ୍ୟ ବିବେଚିତ ନିଲାମଧାରୀମାନେ ନିଲାମ ସରିବାର ୨ଦିନ ମଧ୍ୟରେ ଧାର୍ଯ୍ୟ ରାଶି ଦାଖଲ କରିବେ, ନଚେତ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଇ ପଞ୍ଜୀକରଣ ରାଶି ବ୍ୟାଜାପ୍ତିସହ ପରବର୍ତ୍ତୀ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

**ଛ)** ତା ୨୯.୧୦.୨୦୨୪ ଠାରୁ ସ୍ଥିରୀକୃତ ସମୟ ସାରଣୀ ପର୍ଯ୍ୟନ୍ତ ନିଲାମ ପ୍ରକ୍ରିୟା ଜାରି ରହିବ | ନିଲାମରେ କୌଣସି କାରଣରୁ ଭାଗ ନେଇପାରିନଥିବା ବ୍ୟକ୍ତିବିଶେଷଙ୍କ ପଞ୍ଜୀକୃତ ଜମାରାଶି ବାଜ୍ୟାପ୍ତି କରାଯିବ |

**ଜ)** କୌଣସି ପ୍ଲଟ ପାଇଁ ଏକ ମାତ୍ର ଆବେଦନକାରୀ ଥିଲେ କିମ୍ବା କୌଣସି ଆବେଦନକାରୀ ନଥିଲେ ତାହାର ସ୍ୱତନ୍ତ୍ର ନିଲାମ ହେବ ।

**ଝ)** ନିଲାମ ପାଇପାରିନଥିବା ବ୍ୟକ୍ତି/ ବ୍ୟବସାୟୀ/ ଅନୁଷ୍ଠାନ ନିଲାମ ନ ହୋଇପାରିଥିବା ପ୍ଲଟ ଗୁଡିକର ସ୍ୱତନ୍ତ୍ର ନିଲାମରେ ଭାଗ ନେଇପାରିବେ କିମ୍ବା ନିଜ ଜମାରାଶି ଫେରସ୍ତ ନେଇପାରିବେ ।

**ଞ)** ନିଲାମ ପ୍ରକ୍ରିୟା ସର୍ବନିମ୍ନ ଟଙ୍କା ୫୦/- ପ୍ରତି ବର୍ଗଫୁଟ ହିସାବରେ ତା- ୨୯.୧୦.୨୦୨୪ ରିଖ ଠାରୁ ଆରମ୍ଭ କରାଯିବ । ବାଲିଯାତ୍ରା ତଳ ପଡ଼ିଆର ପ୍ରତ୍ୟେକ ବ୍ଲକର କର୍ଣ୍ଣର (କୋଣ) ଷ୍ଟଲର ନିଲାମ ପ୍ରକ୍ରିୟା ସର୍ବନିମ୍ନ ଟଙ୍କା ୬୦/- ପ୍ରତି ବର୍ଗଫୁଟ ହିସାବରେ କରାଯିବ । ଏହା ଉପରେ ପ୍ରତ୍ୟେକ ନିଲାମ ଡାକର ବର୍ଦ୍ଧିତ ମୂଲ୍ୟ ବର୍ଗଫୁଟ ପ୍ରତି ଟ.୦୫ /- କିମ୍ବା ଟ.୦୫ /-ର ଗୁଣିତକ (multiple of Rs.05 ) ହାରରେ ବୃଦ୍ଧି କରାଯିବ । ନିଲାମ ପାଇଁ ସ୍ଥିରୀକୃତ ସ୍ଥାନ ଓ ସମୟ ପଞ୍ଜୀକରଣ ସମୟରେ ଜଣାଇ ଦିଆଯିବ ।

**ଟ)** ଦୋଳି ଓ ଅନ୍ୟାନ୍ୟ ଖେଳ ନିମନ୍ତେ ସର୍ବନିମ୍ନ ପଞ୍ଜୀକରଣରାଶି ଟଙ୍କା୫୦,୦୦୦/- ଧାର୍ଯ୍ୟକରାଯାଇଅଛି । ଉପରୋକ୍ତ ସମସ୍ତ ନିୟମାବଳୀସହ ଦୋଳି ଓ ଅନ୍ୟାନ୍ୟ ଖେଳରନିଲାମ ଟ.୪୦/- ପ୍ରତି ବର୍ଗଫୁଟ ହିସାବରେ କରାଯିବ । ଏଥିନିମନ୍ତେ ନିଲାମ ପ୍ରକ୍ରିୟା ତା-୦୮.୧୧.୨୦୨୪ ରେ ପର୍ଯ୍ୟନ୍ତ ବାରବାଟୀ ପ୍ୟାଲେସ, ବାରବାଟୀ ଷ୍ଟାଡିୟମ ସନ୍ନିକଟ ଠାରେ ସକାଳ ୧୧:୦୦ ଘଟିକାରୁ ଅନୁଷ୍ଠିତ ହେବ ।

**ଠ)** ଉଠା ବେପାରୀମାନଙ୍କୁ ପଞ୍ଜୀକରଣ ଏବଂ ବ୍ୟବସାୟ ପାଇଁ ଅନୁମତି ପ୍ରାପ୍ତି ନିମନ୍ତେ ଅନ୍ୟୁନ ଟ.୧୦୦୦/-ମାତ୍ର ଜମା କରିବାକୁ ପଡିବ । ଅଧିକ ସ୍ଥାନ ପାଇଁ ସେମାନଙ୍କୁ ବର୍ଦ୍ଧିତ ଦେୟ ଦେବାକୁ ପଡିବ । ଏଥି ନିମନ୍ତେ ଏହାର ପଞ୍ଜିକରଣ ତା.-୧୩.୧୧.୨୦୨୪ ଏବଂ ତା.-୧୪.୧୧.୨୦୨୪ରିଖ ପୂର୍ବାହ୍ଣ ୧୧ ଘଟିକା ଠାରୁ ଅପରାହ୍ଣ ୫.୦୦ ଘଟିକା ପର୍ଯ୍ୟନ୍ତ କରାଯିବ ।

**<u>ବିଶେଷ ଦ୍ରଷ୍ଟବ୍ୟ</u>**

**କ)** ସ୍ଥାନ ଆବଣ୍ଟନ ସଙ୍କ୍ରାନ୍ତୀୟ ସମସ୍ତ ଘୋଷଣା **cuttack.odisha.gov.in** ରେ କରାଯିବ । କୌଣସି କାରଣରୁ ଆବଣ୍ଟନ ସର୍ତ୍ତାବଳୀ ର ପରିବର୍ତନ ହେଲେ ତତ ସମ୍ବନ୍ଧୀୟ ସୂଚନା ଏହି website ରେ ଉପଲବ୍ଧ ହେବ ।

**ଖ)** ଏ ସମ୍ପର୍କରେ ସ୍ଥାନ(ପ୍ଲଟ)ଆବଣ୍ଟନ ସବକମିଟିର ନିଷ୍ପତ୍ତି ଚୂଡ଼ାନ୍ତ ମାନ୍ୟ ହେବ ।

**ଗ)** କଟକ ବାଲିଯାତ୍ରା ସମ୍ପର୍କୀୟ ସୂଚନା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବାଲିଯାତ୍ରା କକ୍ଷରେ ସମସ୍ତ କାର୍ଯ୍ୟ ଦିବସର ସକାଳ ୧୧ ଘଟିକା ଠାରୁ ଅପରାହ୍ଣ ୫ ମଧ୍ୟରେ help desk ଖୋଲା ଯାଇଅଛି । ଏହା ସହିତ ବାରବାଟୀ ପ୍ୟାଲେସ ରେ ମଧ୍ୟ ସହାୟତା କକ୍ଷ କାର୍ଯ୍ୟ କରିବ ।

**ଘ)** କୌଣସି ଅନିର୍ବାଯ୍ୟ କାରଣରୁ ବାଲିଯାତ୍ରା ର ଅବଧି ରେ ପରିବର୍ତ୍ତନ ଘଟିଲେ ନିର୍ଦ୍ଧାରିତ ଦେୟ ଅପରିବର୍ତ୍ତିତ ରହିବ ।

**ଙ)** ଅପ୍ରାଧିକୃତ ଅଥବା ଅନାଧିକୃତ ଭାବେ ବାଲିଯାତ୍ରା ପଡିଆରେ କୌଣସି ବ୍ୟବସାୟୀଙ୍କୁ ବ୍ୟବସାୟ କରିବା ପାଇଁ ସୁଯୋଗ ଦିଆଯିବ ନାହି ଏବଂ ଏହା ଆଇନ ଅନୁଯାୟୀ ଦଣ୍ଡନୀୟ ହେବ ।

**ଚ)** କୌଣସି ବ୍ୟବସାୟୀ / ବ୍ୟକ୍ତି ବିଶେଷ ନିଲାମପ୍ରାପ୍ତ ପ୍ଲଟକୁ ଅନ୍ୟ କୌଣସି ବ୍ୟବସାୟୀ / ବ୍ୟକ୍ତି ବିଶେଷଙ୍କୁ ଅନଧିକୃତ ଭାବେ ହସ୍ତାନ୍ତର କରିପାରିବେ ନାହିଁ ଏବଂ ଏହା ପରିଲକ୍ଷିତ ହେଲେ ଆଇନ ଅନୁଯାୟୀ ଦଣ୍ଡନୀୟ ହେବେ ।

**ଛ)** ଆବଶ୍ୟକ ସ୍ଥଳେ ଜିଲ୍ଲାପାଳ, କଟକ କୌଣସି କାରଣ ନଦର୍ଶାଇ ଯେ କୌଣସି ଆବଣ୍ଟନକୁ ରଦ୍ଦ ବା ଆଂଶିକ ପରିବର୍ତ୍ତନ କରିବା ନିମନ୍ତେ ଅଧିକୃତ ଅଟନ୍ତି ଏବଂ ଏହାକୁ ଚୂଡ଼ାନ୍ତ ମାନ୍ୟ ହେବ ।

**ଜିଲ୍ଲାପାଳ,କଟକ**